# ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଉପଲକ୍ଷେ ଶୋଭାଯାତ୍ରା ।

## Rally on the occasion of World Tourism Day.

ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ତରଫରୁ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଅବସରରେ ଆଜି ଏକ ଶୋଭାଯାତ୍ରା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀମାନଙ୍କୁ ନେଇ ଆୟୋଜିତ ହୋଇଥିଲା । ଜିଲ୍ଲା କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଏହି ର୍ୟାଲିକୁ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଉଦଘାଟନ କରିବା ସହ ନିଜ ପରିବେଶ ତଥା ପର୍ଯ୍ୟଟନସ୍ଥଳୀଗୁଡିକୁ ସଫାସୁତରା ରଖିବାକୁ ପରାମର୍ଶ ଦେଇଛନ୍ତି । ଅନୁଗୋଳ ସହର ପରିକ୍ରମା କରି ଏହି ର୍ୟାଲି ଶୈଳଶ୍ରୀକ୍ଷେତ୍ର ଶ୍ରୀ ଜଗନ୍ନାଥ ମନ୍ଦିର ସମ୍ମୁଖରେ ପହଂଚିଥିଲା । ଏହି ର୍ୟାଲିକୁ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀ ଜଗଦୀଶ ରାଏ ଆୟୋଜନ କରିଥିବା ବେଳେ ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସିଠ , ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନର ଡି ପି ଓ ଶ୍ରୀ ପ୍ରଦୋଷ କୁମାର ଶତପଥି, ଶ୍ରୀ ସତ୍ୟ ନାରାୟଣ ସିଂ ସାମନ୍ତଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀମାନେ ଯୋଗ ଦେଇଥିଲେ ।




ODISHA
ODISHA
ବିଶ୍ୱ ପର୍ଯ୍ୟଟନ ଦିବସ
୨୭ ସେପ୍ଟେମ୍ବର ୨୦୧୯
"ଅନୁଗୋଳକୁ ପଲିଥିନ ମୁକ୍ତ କରନ୍ତୁ"
ARYAVAT


airtel 4G
THE SMARTPHONE NETWORK
SMART SNACKS